# NATIONAL NEWS BULLETIN (ODIA)

**28 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଆଜିଠାରୁ ଜାପାନ ଗସ୍ତରେ ଯାଉଛନ୍ତି ପ୍ରଧାନମନ୍ତ୍ରୀ

– ପଞ୍ଚଦଶ ଭାରତ-ଜାପାନ୍ ବାର୍ଷିକ ସମ୍ମିଳନୀରେ କରିବେ ଅଂଶଗ୍ରହଣ

- ପିଏମ୍ ଜନଧନ ଯୋଜନା ଦେଶବାସୀଙ୍କୁ ଆର୍ଥିକ କ୍ଷେତ୍ରରେ କରିଛି ସଶକ୍ତ; କହିଲେ ପ୍ରଧାନମନ୍ତ୍ରୀ

- ଗଣପର୍ବ ନୂଆଁଖାଇ ପାଇଁ ପଶ୍ଚିମ ଓଡ଼ିଶା ଉତ୍ସବମୁଖର

– ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ଥାଇଲାଣ୍ଡ ପ୍ରତିରକ୍ଷା ମୁଖ୍ୟ ସମ୍ମିଳନୀ ୨୦୨୫ରେ ଭିଏତ୍‌ନାମ, ଦକ୍ଷିଣ କୋରିଆ, ବ୍ରିଟେନ ପ୍ରତିରକ୍ଷା ଅଧିକାରୀଙ୍କ ସହ ଏୟାର ମାର୍ଶାଲଙ୍କ ଆଲୋଚନା

ଏବଂ

- ଆସନ୍ତା ମାସ ୨୭ ତାରିଖରୁ ନୂଆଦିଲ୍ଲୀରେ ଆରମ୍ଭ ହେବ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍

# ପି.ଏମ୍. - ଜାପାନ ଭିଜିଟ୍

ପଞ୍ଚଦଶ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଜାପାନ ଗସ୍ତ କରିବେ । ଜାପାନକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଏହା ହେଉଛି ଅଷ୍ଟମ ଗସ୍ତ। ସେ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ସହ ପ୍ରଥମ ସମ୍ମିଳନୀ କରିବେ । ବୈଦେଶିକ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଶ୍ରୀ ମୋଦିଙ୍କ ଗସ୍ତକାଳରେ ଦୁଇ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱ ଭାଗିଦାରିତା ନେଇ ଉଭୟ ଦେଶର ଭୂମିକା ଉପରେ ସମୀକ୍ଷା କରିବେ । ସମୀକ୍ଷାରେ ପ୍ରତିରକ୍ଷା ଓ ସୁରକ୍ଷା, ବାଣିଜ୍ୟ ଓ ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ ଏବଂ ଉଭୟ ଦେଶର ନାଗରିକଙ୍କ ମଧ୍ୟରେ ଭାବ ଆଦାନ ପ୍ରଦାନ ନେଇ ଆଲୋଚନା ହେବ । ଉଭୟ ନେତା ଆଞ୍ଚଳିକ ତଥା ବିଶ୍ୱ ସ୍ତରରେ ଗୁରୁତ୍ୱ ରଖୁଥିବା ପ୍ରସଙ୍ଗ ଉପରେ ମତ ବିନିମୟ କରିବେ । ଉଭୟ ଦେଶ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଶ୍ରୀ ମୋଦିଙ୍କ ଗସ୍ତ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

ଜାପାନରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ସିବି ଜର୍ଜ ଆକାଶବାଣୀକୁ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଜାପାନ ଗସ୍ତ ଉଭୟ ଦେଶ ମଧ୍ୟରେ ସହଯୋଗର ନୂତନ ଦ୍ୱାର ଉନ୍ମୁକ୍ତ କରିବ । ବିଶେଷକରି ଭାରତ-ଜାପାନ ସ୍ୱତନ୍ତ୍ର ରଣନୈତିକ ଓ ବିଶ୍ୱ ସହଯୋଗକୁ ଏହା ନୂତନ ଦିଗ ଦେବ ବୋଲି ସେ କହିଛନ୍ତି ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଶ୍ରୀ ମୋଦି ଚୀନ ଗସ୍ତ କରି ତିଆନ୍‌ଜିନ୍‌ଠାରେ ଚୀନ୍ ରାଷ୍ଟ୍ରପତି ଷି

ଜିନ୍‌ପିଙ୍ଗ୍‌ଙ୍କ ନିମନ୍ତ୍ରଣକ୍ରମେ ସାଙ୍ଘାଇ ସହଯୋଗ ସଙ୍ଗଠନ ବୈଠକରେ ଯୋଗଦେବେ । ଏଥିରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବିଭିନ୍ନ ଦେଶର ନେତାଙ୍କ ସହ ଅନେକଗୁଡ଼ିଏ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟସୂଚୀ ରହିଛି ।

ଭାରତ ୨୦୧୭ ପରଠାରୁ ସାଙ୍ଘାଇ ସହଯୋଗ ସଙ୍ଗଠନର ସଦସ୍ୟ ଥିବାବେଳେ ୨୦୨୨-୨୩ ବର୍ଷରେ ସଙ୍ଗଠନର ମୁଖ୍ୟ ଦାୟିତ୍ୱ ତୁଲାଇଥିଲା ।

## ପି.ଏମ୍.ଜେ.ଡି.ୱାଇ- ୧୧ ୟର୍ସ

ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ଆଜି ୧୧ ବର୍ଷ ପୂରଣ ହେଉଛି । ବିଶ୍ୱର ଏକ ପ୍ରମୁଖ ଅର୍ଥନୈତିକ ଅନ୍ତର୍ଭୁକ୍ତୀକରଣ ପଦକ୍ଷେପ ଭାବେ ଏହି ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀର ଲାଲ୍‌କିଲ୍ଲାରୁ ୨୦୧୪ ମସିହା ଅଗଷ୍ଟ ୧୫ ତାରିଖରେ ଘୋଷଣା କରିଥିଲେ ।

**V/O– AMAN-ANUPAM--JANDHAN-YOJNA**

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନଧନ ଯୋଜନା ଭାରତର ନାଗରିକମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ଦିଗରେ ପରିବର୍ତ୍ତନ ଆଣିପାରିଛି ବୋଲି କହିଛନ୍ତି। ପିଏମ୍ ଜନଧନ ଯୋଜନା ଦ୍ୱାରା ସମଗ୍ର ଦେଶ ଆର୍ଥିକ ବିକାଶ ଦିଗରେ ଅଗ୍ରସର ହୋଇପାରିଥିବା ସେ କହିଛନ୍ତି। ଏହି ଯୋଜନା ଭାରତୀୟ ନାଗରିକଙ୍କ ଗରିମା ବୃଦ୍ଧି କରିବା ସହ ସେମାନଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବା ଦିଗରେ ସହାୟକ ହୋଇପାରିଛି ବୋଲି ସେ କହିଛନ୍ତି। ଏହି ଅବସରରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କ ବାର୍ତ୍ତାରେ କହିଛନ୍ତି ପିଏମ୍-ଜନଧନ ଯୋଜନାରେ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ଡିବିଟି ବ୍ୟବହାର କରି ବିଭିନ୍ନ

ଯୋଜନା ମାଧ୍ୟମରେ ଲୋକମାନଙ୍କ ପାଖକୁ ଅର୍ଥ ଦିଆଯାଇପାରୁଛି। ଏହାଦ୍ୱାରା ସାମାଜିକ ସୁରକ୍ଷା, ପୁଞ୍ଜିବିନିଯୋଗ ବୃଦ୍ଧି ହୋଇପାରୁଛି। ଗତ ୧୧ ବର୍ଷ ମଧ୍ୟରେ ୫୬ କୋଟିରୁ ଊର୍ଦ୍ଧ୍ୱ ଜନଧନ ଆକାଉଣ୍ଟ ଖୋଲାଯାଇଛି ଏବଂ ୨ ଦଶମିକ ୬୮ ଲକ୍ଷ କୋଟି ଟଙ୍କା ଜମା କରାଯାଇଛି। ସେହିପରି ୩୮ କୋଟି ବିନାମୂଲ୍ୟରେ ରୁପେ କାର୍ଡ ଜାରି କରାଯାଇଛି ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି। ସେ କହିଛନ୍ତି, ପିଏମ୍ ଜନଧନ ଯୋଜନାରେ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳରେ ୬୭ ପ୍ରତିଶତ ଜମାଖାତା ଖୋଲାଯାଇଛି। ବିଶେଷ କରି ୫୬ ପ୍ରତିଶତ ମହିଳା ସେମାନଙ୍କ ଆକାଉଣ୍ଟ ଖୋଲିଥିବା ଜଣାପଡ଼ିଛି।

## ଏୟାର ମାର୍ଶଲ

ଥାଇଲାଣ୍ଡରେ ଚାଲିଥିବା ବାର୍ଷିକ ପ୍ରତିରକ୍ଷା ମୁଖ୍ୟ ସମ୍ମିଳନୀ-୨୦୨୫ ଅବସରରେ ସମନ୍ୱିତ ପ୍ରତିରକ୍ଷା ବିଭାଗ ମୁଖ୍ୟ– ସି.ଆଇ.ଏସ୍.ସି. ତଥା ଏୟାର ମାର୍ଶଲ ଆଶୁତୋଷ ଦୀକ୍ଷିତ' ଭିଏତନାମ, ଦକ୍ଷିଣ କୋରିଆ ଏବଂ ବ୍ରିଟେନ୍‌ର ପ୍ରତିରକ୍ଷା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏୟାର ମାର୍ଶଲ ଦୀକ୍ଷିତ' ଭିଏତନାମ ପିପୁଲ୍ସ ଆର୍ମିର ଜେନେରାଲ ଷ୍ଟାଫ୍ ଉପମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଥାଇ ଡାଇ ଜୋଙ୍କ, ରିପବ୍ଲିକ କୋରିଆ ସେନାବାହିନୀର ଯୁଗ୍ମ ମୁଖ୍ୟ ଭାଇସ୍ ଆଡମିରାଲ କାଙ୍ଗ ଡୋଙ୍ଗ୍ ଗିଲ୍ ଏବଂ ବ୍ରିଟେନ୍ ରୟାଲ ନାଭି ମୁଖ୍ୟ ଜେନେରାଲ ସାର ଗୁଏଜନ୍ ଜେନ୍‌କିନ୍‌ସଙ୍କ ସହ ଆଲୋଚନା କରିଛନ୍ତି। ସେମାନଙ୍କ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବ୍ୟାପକ କରିବା, ସାମୁଦ୍ରିକ କ୍ଷେତ୍ରରେ ସମନ୍ୱୟ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, ସାମରିକ ବିନିମୟକୁ ସୁଦୃଢ଼ କରିବା କ୍ଷେତ୍ରରେ ଆଲୋଚନା ହୋଇଥିଲା। ସେହିପରି ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାଗିଦାରିତା ସ୍ଥାପନକୁ

ବ୍ୟାପକ କରିବା ନେଇ ପରସ୍ପର ମଧ୍ୟରେ ଆଲୋଚନା ହୋଇଥିଲା। ଏୟାର ମାର୍ଶଲ ଦୀକ୍ଷିତ ୟୁଏସ୍ ଭାରତ-ପ୍ରଶାନ୍ତ ମହାସାଗରୀୟ କମାଣ୍ଡ ଆଡମିରାଲ ସାମିଏଲ ପାପାରୋଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ଆଲୋଚନା କରିଥିଲ। ଏୟାର ମାର୍ଶଲ ଆଶୁତୋଷ ଦୀକ୍ଷିତ ଗତ ୨୬ ତାରିଖରୁ ଥାଇଲାଣ୍ଡକୁ ବାର୍ଷିକ ପ୍ରତିରକ୍ଷା ସମ୍ମିଳନୀରେ ଯୋଗଦେବା ପାଇଁ ଆସିଛନ୍ତି। ଆଲୋଚନା କାଳରେ ସାମୁଦ୍ରିକ ସୁରକ୍ଷା, ସନ୍ତ୍ରାସବାଦ ପ୍ରତିହତ, ସାଇବର କ୍ଷେତ୍ରରେ ଆତ୍ମନିର୍ଭରଶୀଳ, ମାନବିକ ସହାୟତା, ବିପର୍ଯ୍ୟୟ କାଳରେ ରିଲିଫ୍ ଯୋଗଣ, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସ୍ଥିରତା ବଜାୟ ଆଦି ସମ୍ପର୍କରେ ମୁଖ୍ୟତଃ ଆଲୋଚନା ହୋଇଥିଲା।

## ପ୍ରେଜ୍ ନୂଆଁଖାଇ

ଗଣପର୍ବ ନୂଆଖାଇପାଇଁ ଆଜି ପଶ୍ଚିମ ଓଡ଼ିଶା ଉତ୍ସବମୁଖର ହୋଇଉଠିଛି । ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ସକାଳ ସାଢ଼େ ୧୦ଟାରୁ ୧୦ ଟା ୫୫ ମିନିଟ୍ ସମୟ ମଧ୍ୟରେ ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ନିକଟରେ ଆଜି ନବାନ୍ନ ଲାଗି ହୋଇଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଶ୍ଚିମ ଓଡ଼ିଶାର ନୂଆଁଖାଇ ପର୍ବ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, କୃଷିକୁ ସମ୍ମାନ ଏବଂ କୃଷକମାନଙ୍କ ପ୍ରତି କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଏହି ପର୍ବ ସୁଯୋଗ ସୃଷ୍ଟି କରିଥିଲା। ନୂଆଁଖାଇ ପର୍ବ ସଦ୍‌ଭାବନାର ପ୍ରତୀକ ବୋଲି ରାଷ୍ଟ୍ରପତି କହିଛନ୍ତି। ରାଷ୍ଟ୍ରପତି ସମସ୍ତଙ୍କୁ ଏହି ପର୍ବ ଅବସରରେ ଶୁଭେଚ୍ଛା ଜଣାଇ ସମସ୍ତଙ୍କର ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି।

# ପିଏମ୍ ନୂଆଁଖାଇ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଁଖାଇ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ' କୃଷକମାନଙ୍କ ପ୍ରତି ହାର୍ଦ୍ଦିକ କୃତଜ୍ଞତା ଜଣାଇ ସେମାନଙ୍କ କଠିନ ପରିଶ୍ରମ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସ୍ମରଣ କରାଇଛନ୍ତି। ପ୍ରଧାନମନ୍ତ୍ରୀ ସମସ୍ତଙ୍କର ଉତ୍ତମ ସ୍ୱାସ୍ଥ୍ୟ, ସମୃଦ୍ଧି ଏବଂ ସୁଖ କାମନା କରିଛନ୍ତି ।

# କଟନ୍– ଡ୍ୟୁଟି ଏକ୍ସେମ୍ପଟ

ସରକାର କପା ଉପରୁ ଆସନ୍ତା ମାସ ୩୦ ତାରିଖରୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ ଛାଡ଼ ସମୟସୀମା ବୃଦ୍ଧି କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ଭାରତୀୟ ବୟନ କ୍ଷେତ୍ରରେ କପାର ଉପଲବ୍ଧତାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ଗ୍ରହଣ କରାଯାଇଛି । ପୂର୍ବରୁ ସରକାର କପା ଉପରୁ ଆମଦାନୀ ଶୁଳ୍କ ଅଗଷ୍ଟ ୧୯ ତାରିଖରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ଛାଡ଼ କରିଥିଲେ ।

# ୟୁ.ଏସ୍. ତାରିଫ୍‌ସ

ଭାରତୀୟ ରପ୍ତାନୀଗୁଡ଼ିକ ଉପରେ ଆମେରିକାଦ୍ୱାରା ଲାଗୁ କରାଯାଇଥିବା ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଆଜିଠାରୁ କାର୍ଯ୍ୟକାରୀ ହେଉଛି । ଗତ ଅଗଷ୍ଟ ୧ ତାରିଖରେ ଉଭୟ ଦେଶ ମଧ୍ୟରେ ଏନେଇ କୌଣସି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ହୋଇ ନ ପାରିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ । ପରେ ରୁଷ୍‌ରୁ ତେଲ

କିଣିବା ପ୍ରସଙ୍ଗ ନେଇ ଆମେରିକା ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲା । ଫଳରେ ମୋଟ୍ ରପ୍ତାନୀ ଶୁଳ୍କ ୫୦ ପ୍ରତିଶତକୁ ବୃଦ୍ଧି ପାଇଛି ।

ଆକାଶବାଣୀ ସହ କଥାବାର୍ତ୍ତାବେଳେ ପି.ଏଚ୍.ଡି. ଚାମ୍ବର ଅଫ୍ କମର୍ସର ମହାସଚିବ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଡକ୍ଟର ରଞ୍ଜିତ ମେହେଟା କହିଛନ୍ତି, ଏବେ ଭାରତକୁ ବିକଳ୍ପ ସନ୍ଧାନ କରିବାର ଆବଶ୍ୟକତା ରହିଛି ।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୧ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୫ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ରାତି ୮ଟାରେ ପୁନଃ ପ୍ରସାରଣ କରାଯିବ ।

## ରୁଷିଆ ମିସାଇଲ୍ ଷ୍ଟ୍ରାଇକ୍

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦୋମିର୍ ଜେଲେନସ୍କି’ କିଭ୍ ଉପରେ ରୁଷ୍‌ର କ୍ଷେପଣାସ୍ତ୍ର ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ଏହି ଆକ୍ରମଣରେ ଜଣେ ଶିଶୁଙ୍କ ସମେତ ୮ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ୧୨ରୁ ଊର୍ଦ୍ଧ୍ୱ ଲୋକ ମଧ୍ୟ ଆହତ ହୋଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଜେଲେନ୍‌ସ୍କି କହିଛନ୍ତି, ରୁଷ୍‌ର ଆକ୍ରମଣରେ ଆବାସିକ କୋଠାଘରଗୁଡ଼ିକ ଭାଙ୍ଗିରୁଜି ଯାଇଛି। ଆଉ ମଧ୍ୟ କେତେକ ସହର ଏବଂ ଅଞ୍ଚଳରେ ରୁଷ୍ ପକ୍ଷରୁ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଶ୍ର ଜେଲେନ୍‌ସ୍କି ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ନିଜର ସମବେଦନା ଜଣାଇଛନ୍ତି। ଜେଲେନସ୍କି ଅନ୍ତର୍ଜାତୀୟ ସମୁଦାୟକୁ’ ରୁଷ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ନିବେଦନ କରିଛନ୍ତି।

## ଓ୍ୱାର୍ଲଡ ପାରା ଆଥଲେଟିକ୍ସ ଟିମ୍

ବିଶ୍ୱ ପାରା ଆଥଲେଟିକ୍ସ ଚମ୍ପିଆନସିପ୍ ପ୍ରତିଯୋଗିତା ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମ୍‌ଠାରେ ଆସନ୍ତା ମାସ ୨୭ ତାରିଖରୁ ଅକ୍ଟୋବର ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଭାରତୀୟ ପ୍ରତିଯୋଗୀମାନଙ୍କ ନାମ ତାଲିକା ଗତକାଲି ଘୋଷଣା କରାଯାଇଛି। ଚମ୍ପିଆନସିପ୍ ପ୍ରତିଯୋଗିତାରେ ଜାଭେଲିନ୍ ଖେଳାଳି ସୁମିତ ଅଣ୍ଟିଲ ପ୍ରଥମଥର ପାଇଁ ଭାରତ ପକ୍ଷରୁ ନେତୃତ୍ୱ ନେବେ। ଚଳିତ ଥର ହେବାକୁ ଥିବା ଏହି ପ୍ରତିଯୋଗିତାରେ ହାଇଜମ୍ପ ଖେଳାଳି ମେରିଆପ୍ପାନ ଥାଙ୍ଗାଭେଲୁ ଏବଂ ଶରଦ କୁମାରଙ୍କୁ ବାଦ୍ ଦିଆଯାଇଛି। ମାରିୟାପ୍ପାନ ତିନିଥର ପାରା ଅଲିମ୍ପିକ୍ସରେ ପଦକ ହାସଲ କରିଥିବା ବେଳେ ଶରଦ କୁମାର ଟୋକିଓ ଏବଂ ପ୍ୟାରିସ୍

ପାରାଅଲିମ୍ପିକ୍ସରେ ବ୍ରୋଞ୍ଜ ଏବଂ ରୌପ୍ୟ ପଦକ ହାସଲ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଧରମବୀର ନେନ ଏବଂ ପ୍ରୀତି ପାଲ ଭାରତର ପତାକା ଧରି ପରେଡରେ ଅଂଶଗ୍ରହଣ କରିବେ।